# Akashvani, Sambalpur

## SAMBALPURI NEWS EVENING BULLETIN

## 28 May 2026-7.02- 7.12 pm.

---

୧- ଚାଷ୍ ଆଉ ଚାଷୀମାନ୍‌କର୍ କଲ୍ୟାଣ୍ ଉପ୍‌ରେ ଅଏତ୍‌କା ପ୍ରାଥମିକତା ଦଉଛନ୍ ସର୍‌କାର୍- କହେଲେ କେନ୍ଦ୍ର କୃଷିମନ୍ତ୍ରୀ ।

୨- ସାମାଜିକ୍ ଗଣମାଧ୍ୟମ୍‌ଥି ଭି.ଭି.ଆଇ.ପି. ଙ୍କର୍ ଗସ୍ତ ଆଉ ସୁରକ୍ଷା ବାବଦ୍ ତଥ୍ୟ ପ୍ରକାଶ୍ କଲେ ନିଆଯିବା କାର୍ଯ୍ୟାନୁଷ୍ଠାନ୍ ।

୩- ସିବିଏସ୍‌ଇ ପରୀକ୍ଷାଥି ଡିଜିଟାଲ୍ ମୂଲ୍ୟାଙ୍କନ୍ ବ୍ୟବସ୍ଥା ସ୍ୱଚ୍ଛତା ଆନ୍‌ବା- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୪- ରାଏଜେ ଆଏଜ୍ ଭିନ୍ ଭିନ୍ ଜାଗା ନ ପାଲନ୍ ହେଉଛେ ଇଦ୍-ଉଲ୍-ଜୁହା ପରବ୍ ।

ଆଉର୍

୫- ଶ୍ରେଷ୍ଠତ୍ୱ ଲାଗି ଏକ୍‌ଠାନିଆ ହେବା ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ରକ୍ତ କର୍କଟ ଦିବସ ।

ଖରିଫ୍ ଋତୁ          ଏନ୍‌ଏସ୍‌ଡି

ଦେଶେ ଚଲ୍‌ତି ବଛର୍ ପାଖାପାଖି ୩୭ କୋଟି ୬୦ ଲାଖ୍ ଟନ୍‌ନୁ ଅଏତ୍‌କା ଖାଦ୍ୟଶସ୍ୟ ଉତ୍ପାଦିତ୍ ହେବାର୍ ଆକଲନ୍ କରାଯାଇଛେ ବଲି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ନୂଆଦିଲ୍ଲୀ ଠାନେ ଆୟୋଜିତ୍ ଖରିଫ୍ ଅଭିଯାନ୍-୨୦୨୬ ଥି ଜାତୀୟ କୃଷି ସମ୍ମିଳନୀକେ ମନ୍ତ୍ରୀ ଶ୍ରୀ ଚୌହାନ ଉଦ୍‌ଘାଟନ୍ କରିକରି କହିଛନ୍ ଭାରତ୍ ନ ଭର୍‌ପୁର୍ ମାତ୍ରାଥି ଖାଦ୍ୟ ଶସ୍ୟ ରହିଛେ । ଦେଶର୍ ପରିଶ୍ରମୀ ଚାଷୀମାନ୍‌କର୍ ଲାଗି ଇଟା ସମ୍ଭବ୍ ହେଇପାରିଛେ । ସର୍‌କାର୍ ସବୁବେଲେ ଚାଷ୍ ଆଉ ଚାଷୀମାନ୍‌କର୍ କଲ୍ୟାଣ୍‌କେ ଅଏତ୍‌କା ପ୍ରାଥମିକତା ଦେଇ ଆସୁଛନ୍ । ଚୀନ୍‌କେ ପଛ୍‌ଆଡ଼େ ପକେଇକରି ଭାରତ୍ ଇହାଦେ ସବୁନୁ ବଡ଼ ଚାଉଲ୍ ଉତ୍ପାଦନ୍‌କାରୀ ଦେଶ୍ ହେଇପାରିଛେ ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ । ଆଏବା ଖରିଫ୍ ଋତୁଥି ଚାଷ୍ କ୍ଷେତ୍ରକେ ଅଏତ୍‌କା ବିକଶିତ୍  କର୍‌ବାର୍‌ଥି ଇ ଦୁଇଦିନିଆ ସମ୍ମିଳନୀ ଗୁଟେ ରୂପରେଖ ପ୍ରସ୍ତୁତ୍ କର୍‌ବା । ଜୈବିକ୍ କୃଷି ବାବଦ୍ ଚାଷ୍ ଆଉ

ଅଲ୍‌ଗା କୃଷିଭିତିକ୍ ପ୍ରସଙ୍ଗ ଉପ୍‌ରେ ମତ ବିନିମୟ ଲାଗି ଇ ସମ୍ମିଳନୀ ଗୁଟେ ମଂଚ ଦେବା ବଲି ଶ୍ରୀ ଚୌହାନ୍ କହିଛନ୍ ।

ସମ୍ମିଳନୀଥି କେନ୍ଦ୍ର ଆଉ ରାଜ୍ୟସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀ, ଆଇ.ସି.ଏ.ଆର୍., କୃଷି ପ୍ରତିଷ୍ଠାନ୍‌ର ପ୍ରତିନିଧି, ବିଶେଷଜ୍ଞ ଆଉ ଚାଷ୍ କ୍ଷେତ୍ରଥି ଜଡ଼ିତ୍ ଅଂଶୀଦାର୍‌ମାନେ ଯୋଗ୍ ଦେଇକରି ଖରିଫ୍ ଋତୁର୍ ପ୍ରାଥମିକତା ଆଉ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତି ବାବ୍‌ଦେ ଆଲୋଚନା କର୍‌ବେ ।

ଭିଭିଆଇପି ଗସ୍ତ ହି.ସ.

ଅତିବିଶିଷ୍ଟ ବ୍ୟକ୍ତିବିଶେଷ୍ ଭି.ଭି.ଆଇ.ପି.ଙ୍କର୍ ଗସ୍ତ ଆଉ ସୁରକ୍ଷା ବାବଦ୍ ତଥ୍ୟ ସାମାଜିକ୍ ଗଣମାଧ୍ୟମ୍‌ଥି ପ୍ରକାଶ୍ କଲେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ରାଜ୍ୟ ଗୃହ ବିଭାଗ୍ ତର୍‌ଫୁ ଆଏଜ୍ ଇ ବାବ୍‌ଦେ ଗୁଟେ ବିଜ୍ଞପ୍ତି ବାହାରିଛେ । ଡିଜିପି, ଆଇ.ଜି. ଗୁପ୍ତଚର ବିଭାଗ୍, ସବୁ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ଆଉ ପୁଲିସ୍ ଅଧିକାରୀଙ୍କୁ ସତର୍କ ହେବାର୍‌କେ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସାମାଜିକ୍ ଗଣମାଧ୍ୟମ୍‌ଥି ଭି.ଭି.ଆଇ.ପି. ମାନ୍‌କର୍ ଗସ୍ତ ବାବଦ୍ ସୂଚ୍‌ନା

ପ୍ରଘଟ୍ ହେଉଥିବାର୍ନୁ ସର୍କାର୍ଙ୍କର୍ ତର୍ଫୁ ଇ ପଦକ୍ଷେପ୍ ନିଆୟାଇଛେ ।

ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ହି.ସ.

ପରୀକ୍ଷାଥି ସ୍ୱଚ୍ଛତା ଆଉ ଛାତ୍ରଛାତ୍ରୀମାନ୍କର୍ ସ୍ୱାର୍ଥର ସୁରକ୍ଷାକେ ନଜର୍ଥି ରଖିକରି ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ମୂଲ୍ୟାଙ୍କନ୍ଥି ପହେଲାଥର୍ ଲାଗି ଡିଜିଟାଲ୍ ବ୍ୟବସ୍ଥା ମୁଲ୍ କରାୟାଇଛେ । ସିବିଏସ୍ଇ ଅଧିକାରୀଙ୍କର୍ ସାଙ୍ଗେ ଗୁଟେ ବୈଠକ୍ ଉତ୍ରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍, ଇ ଅନ୍ସ୍କ୍ରିନ୍ ମାର୍କିଂ ଡିଜିଟାଲ୍ ବ୍ୟବସ୍ଥା ଗୁଟେ ପ୍ରଗତିଶୀଳ ମାଧମ୍ ହେଇଛେ । ଦେଶ୍ ଆଉ ବିଦେଶ୍ର ବହୁତ୍ଟେ ବିଶ୍ୱବିଦ୍ୟାଳୟ ଆଉ ପ୍ରତିଷ୍ଠାନ୍ ଇ ବ୍ୟବସ୍ଥାକେ ଅପ୍ନାବାର୍କେ ଚେଷ୍ଟା ଜାରି ରଖିଛନ୍ ବଲି ଶ୍ରୀ ପ୍ରଧାନ୍ ସୂଚ୍ନା ଦେଇଛନ୍ । ଇହାଦେର୍ ସମିଆଥି ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଲାଗି ପୁନଃ ମୂଲ୍ୟାଙ୍କନ୍ ପ୍ରକ୍ରିୟା ଜାରି ରହିଛେ । ପାଖାପାଖି ୧୭ ଲାଖ୍ ଛାତ୍ରଛାତ୍ରୀ ଇ ପରୀକ୍ଷା ଦେଇଥିଲେ । ଏବ୍ତକ୍ ୪ ଲାଖ୍ ଛାତ୍ରଛାତ୍ରୀ ଉତର୍ ଖାତା

ପାଇପାରିଛନ୍ । ଇ ପ୍ରକ୍ରିୟା ଜରିଏ ପାଖାପାଖି ୪୦ କୋଟି ପରୀକ୍ଷା ଖାତା ଫଟୋକପି କରାଯାଇଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।
(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସିୟୁଇଟି -ୟୁଜି -୨୦୨୬ ଏନ୍ଏସ୍ଡି

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍ - ଏନ୍ଟିଏ ତର୍ଫୁ ସାଧାରଣ୍ ବିଶ୍ୱବିଦ୍ୟାଲୟ ପ୍ରବେଶିକା ପରୀକ୍ଷା- ସିୟୁଇଟି -ୟୁଜି - ୨୦୨୬ ପରୀକ୍ଷା ଲାଗି ସଂଶୋଧିତ୍ ପରୀକ୍ଷା ତାରିଖ୍ ଆଉ ଏଡ୍ମିଟ୍କାର୍ଡ୍ ଦେବାର୍ ଘୋଷ୍ନା କରାଯାଇଛେ । ଇ ମାସ ୩୧ ତାରିଖ୍ ଆଉ ଆଏବା ମାସ ୬ ଆଉ ୭ ତାରିଖ୍ ଇଥିର୍ଲାଗି ପ୍ରବେଶିକା ପରୀକ୍ଷା ହେବା ବଲି ଏନ୍ଟିଏ ତର୍ଫୁ କୁହାଯାଇଛେ । ଆଏଜ୍ ହେବାର୍କେ ଥିବା ପରୀକ୍ଷା ଇଦ୍-ଉଲ୍-ଜୁହା ଲାଗି ଫେର୍ଘାଏ ନିର୍ଦ୍ଧାରିତ୍ କରାଯାଇଛେ । ଆଏବା ରଏବାର୍ ଦିନ ହେବାର୍କେ ଥିବା ପରୀକ୍ଷା ଲାଗି ପ୍ରାର୍ଥୀମାନ୍କୁ ଏଡ୍ମିଟ୍ କାର୍ଡ୍ ଦେବାର୍ ପ୍ରକ୍ରିୟା ମୁଲ୍ ହେଇଛେ । ସେମାନେ ଅଫିସିଆଲ୍ ୱେବ୍ସାଇଟ୍ cuet.nta.nic.in ନୁ ଏଡ୍ମିଟ୍କାର୍ଡ୍ ଡାଉନ୍ଲୋଡ୍

କରିପାର୍‌ବେ ଆଉ ଆଏବା ମାସ ୬ ଆଉ ୭ ତାରିଖ୍ ହେବାର୍‌କେ ଥିବା ପରୀକ୍ଷା ଲାଗି ଖୋବ୍ ଜଲ୍‌ଦି ଏଡ୍‌ମିଟ୍‌କାର୍ଡ଼ ଦିଆଯିବା ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା କାଏଲ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଇଭି ବୋଟ୍           ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ଦିନେ ଡିଜେଲ୍ ବୋଟ୍ ବଦ୍ଲେ ବିଦ୍ୟୁତ୍ ଚାଲିତ୍ ଇଭି ବୋଟ୍ ଚାଲ୍ବା ବଲି ପର୍ଯ୍ୟଟନ୍ ବିଭାଗ୍ ତର୍ଫୁ କୁହାଯାଇଚେ । ପହେଲା ଖେପେ ୪ ଟା ଜାଗା ନ ଇଭି ଭୋଟ୍ ବ୍ୟବସ୍ଥା କରାଯିବା । ହୀରାକୁଦ୍, ଭିତର୍କନିକା, କୋଲାବ୍ ଆଉ ବରକୂଳ ଲାଗି ଓଡ଼ିଶା ପର୍ଯ୍ୟଟନ୍ ଉନ୍ନୟନ୍ ନିଗମ୍ ତର୍ଫୁ ଟେଣ୍ଡର୍ ଆହ୍ଵାନ୍ କରାଯାଇଛେ ।

ଇଦ୍-ଉଲ୍-ଜୁହା           ଆର୍ଏନ୍ୟୁ/ ସମ୍ବଲପୁର

ମୁସଲ୍ମାନ୍ ସମ୍ପ୍ରଦାୟର୍ ଧାର୍ମିକ୍ ପରବ୍ ଇଦ୍-ଉଲ୍-ଜୁହା ଆଏଜ୍ ପାଲନ୍ କରାଯାଉଛେ । ଇ ଅବ୍ସରେ ଭିନ୍ ଭିନ୍ ଇଦ୍ଗାହ ଆଉ ମସ୍ଜିଦ୍ ମାନ୍କେ ସମୂହ ନମାଜ୍ ପାଠ୍ର ଆୟୋଜନ୍ କରାଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଲ୍-ଜୁହା ଅବ୍ସରେ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ଇ ପରବ୍କେ ବଳିଦାନ୍, ବିଶ୍ୱାସ୍ ଆଉ ମାନବିକ୍ ମୂଲ୍ୟବୋଧ୍ର

ପ୍ରତିଫଲନ୍ ବଲି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍-ଉଲ୍-ଜୁହା ଶୁଭେଚ୍ଛା ଜନେଇକରି କହିଛନ୍ ଆଝିର୍ ଦିନେ ସମାଜ୍‌ଥି ଭାଇଚାରା ଆଉ ଖୁସିର୍ ଭାବ୍‌ନା ଆହୁରି ଗହେର୍ ହେଉ । ଇ ଅବ୍‌ସରେ ଶ୍ରୀ ମୋଦୀ ସମ୍‌କର୍ ସଫଲତା ଆଉ ଭଲ୍ ସ୍ୱାସ୍ଥ୍ୟ ଲାଗି କାମ୍‌ନା କରିଛନ୍ । ଇଦ୍-ଉଲ୍-ଜୁହା ଅବ୍‌ସରେ ରାଜ୍ୟର୍ ସବୁ ମୁସଲ୍‌ମାନ୍ ଭାଏବହେନ୍ ମାନ୍‌କୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ମୁସଲ୍‌ମାନ୍ ଭାଏବହେନ୍‌ମାନ୍‌କର୍ ସୁଖ୍ ଆର୍ ସମୃଦ୍ଧି କାମନା କରିଛନ୍ ।

ଇଦ୍-ଉଲ୍-ଜୁହା-୧ ସୁବର୍ଣ୍ଣପୁର୍/ ନୂଆପଡ଼ା ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଇଦ୍-ଉଲ୍-ଜୁହା ପରବ୍ ପାଲିତ୍ ହେଇଯାଇଛେ । ଜିଲ୍ଲାର୍ ସଦର୍ ମହକୁମାର୍ ୨ ଟା ମସ୍‌ଜିଦ୍ ନ ମୁସଲ୍‌ମାନ୍ ସମ୍ପ୍ରଦାୟ ତର୍‌ଫୁ ସାମୂହିକ୍ ନମାଜ୍

ପାଠ୍ ସହେତେ ଇଦ୍-ଉଲ୍-ଜୁହା ଅବ୍ସରେ ପରସ୍ପର୍‌କେ ଅଭିନନ୍ଦନ୍ ଆର୍ ଶୁଭେଚ୍ଛା ଦିଆନିଆ କରିଛନ୍ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହର୍ ନ ଆଏଜ୍ ଇଦ୍-ଉଲ୍-ଜୁହା ଉସତ୍ ଉସ୍‌ନାକିଥି ପାଲିତ୍ ହେଇଯାଇଛେ । ନମାଜ୍ ପାଠ୍ ଉତ୍‌ରୁ ମୁସଲ୍‌ମାନ୍ ସମ୍ପ୍ରଦାୟର୍ ଭାଏମାନେ ନିଜର୍ ନିଜର୍ ଭିତ୍‌ରେ ଇଦ୍‌ର ଶୁଭେଚ୍ଛା ଦିଆନିଆ ହେଇଥିଲେ ।

ରକ୍ତକର୍କଟ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ରକ୍ତକର୍କଟ ରୋଗ୍‌କେ ଚିହ୍ନଟ୍ କର୍‌ବାର୍ ଲାଗି ଆଉ ଇତାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ମେ ୨୮ ତାରିଖ୍‌କେ ରକ୍ତ କର୍କଟ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ‘ଶ୍ରେଷ୍ଠତ୍ୱ ଲାଗି ଏକ୍‌ଠାନିଆ ହେମା’ । ଗଲାବଛର୍‌ଠାନୁ ଆଏବା ବଛର୍‌ତକ୍ ୩ ବଛର୍ ଲାଗି ଇ ପ୍ରସଙ୍ଗ ଆଧାର୍‌ଥି ରକ୍ତକର୍କଟ ଦିବସ୍ ପାଲନ୍ କରାଯାଉଛେ । ଇ ରୋଗ୍ ମୁନୁଷ୍‌ର୍ ଶରୀର୍ ହାଡ଼୍ ଭିତ୍‌ରୁ ମୁଲ୍ ହେଇକରି ରକ୍ତକୋଷ ବନାବାର୍

କାମ୍‌କେ ବାଧା ଦେସି । ହେଥିର୍‌ଲାଗି ରୋଗୀମାନ୍‌କର୍ ରକ୍ତକୋଷ ଠିକ୍ ଭାବେ ନାଇଁ ବଢ଼ିପାରେ । ଲ୍ୟୁକୋମିଆ, ଲିମ୍ଫୋମା ଆର୍ ମାୟୋଲୋମା ବାଗିର୍ ରକ୍ତକର୍କଟ ବେମାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ରକ୍ତ କର୍କଟ ଦିବସ୍ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ରକ୍ତକର୍କଟ ବାବ୍‌ଦେ ସଚେତନତା ସୃଷ୍ଟି ଆଉ ଇ ରୋଗ୍‌ଥି ପିଡ଼ିତ ଲୁକ୍‌କର୍ ଲାଗି ସହଯୋଗ୍ ଆଉ ସହାନୁଭୂତିର୍ ହାତ୍ ବଢ଼ାବାର୍ ଲାଗି ସମ୍‌କୁ ଅନୁରୋଧ୍ କରିଛନ୍ । ସମିଆ ଜାନି ପରୀକ୍ଷା ଆଉ ସୁସ୍ଥ ଜୀବନ୍‌ଶୈଲୀ ଆଉ ସକାରାତ୍ମକ୍ ମନୋଭାବ୍ ଜରିଏ ଇ ରୋଗ୍ ବିରୋଧ୍‌ଥି ଲଢ଼େଇକେ ଆହୁରି ସଶକ୍ତ କରିହେବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ । ସଚେତନ୍ ହେଇକରି ସୁସ୍ଥ ସମାଜ୍ ଗଠନ୍‌ଥି ଭାଗିଦାର୍ ହେବାର୍‌କେ ସମ୍‌କୁ ଡକ୍ଟର୍ ମହାଲିଙ୍ଗ୍ ଆହ୍ୱାନ୍ ଦେଇଛନ୍ ।

ସମନ୍ୱୟ ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତର୍‌ଫୁ ଗୁଟେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ୍ ହେଇଯାଇଛେ ।

ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ମା ଆଉ ଛୁଆ ମୃତ୍ୟୁ ହାର ବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଛେ ।

ଏସ୍‌ଆଇଆର୍- ବର୍‌ଗଡ୍         ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ନିର୍ଭୁଲ୍ ଭୋଟର୍ ତାଲିକା ତିଆର୍ କର୍‌ବାର୍, ଭୁଲ୍ ସୁଧ୍‌ରାବାର୍ ଆଉ ଭିନ୍ ଭିନ୍ ଆପତି ଅଭିଯୋଗ୍‌ର ଶୁଣାଣି ବାବ୍‌ଦେ ଶିବିର୍‌ଥି ତାଲିମ୍ ଦିଆଯାଇଥିଲା ।

ହୀରାକୁଦ୍- ସତର୍କ ସୂଚ୍‌ନା            ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମୌସୁମୀ ବର୍ଷା ଆଘୋନୁ ହୀରାକୁଦ୍ ନଦୀବନ୍ଧ କର୍ତ୍ତୃପକ୍ଷ ସାଧାରଣ୍ ଲୁକ୍‌କର୍ ଲାଗି ସତର୍କ ସୂଚ୍‌ନା ଜାରି କରିଛନ୍ । ମହାନଦୀ ଶଯ୍ୟାଥି ଚଲାଚଲ୍ ଆଉ ଅଲ୍‌ଗା ବେଭାର୍ ବେଲେ ସତର୍କତା ଅପ୍‌ନାବାର୍ ଲାଗି କର୍ତ୍ତୃପକ୍ଷ ସାଧାରଣ୍ ଲୁକ୍‌କୁ

ଅନୁରୋଧ୍ କରିଛନ୍ । ବଏଢ଼୍ ପାଏନ୍ ନିଷ୍କାସନ୍ ବେଲ୍‌କେ ହୀରାକୁଦ୍ ବନ୍ଧ ଡେବ୍‌ରୀଫାଲର୍ ସ୍ପିଲ୍‌ୱେଥି ସାଇରନ୍ ବ୍ୟବସ୍ଥା ରହିଛେ । ଇ ସାଇରନ୍ ୨ ମିନିଟ୍ ଲଗାତାର୍ ବାଜିକରି ୨ ଥର୍ ୨୦ ସେକେଣ୍ଡ୍ ଅନ୍ତର୍‌ଥି ୩୦ ସେକେଣ୍ଡ୍ ଧରିକରି ବାଜ୍‌ବା ବଲି ଡେମ୍ କର୍ତ୍ତୃପକ୍ଷ ସୂଚ୍‌ନା ଦେଇଛନ୍ । ଇତାର୍‌ସହେତେ ପ୍ରକୃତ୍ ଗେଟ୍ ଖୁଲାଯିବାର୍ ୨ ଘଂଟା ଆଘୋନୁ ସାଇରନ୍ ଲଗାତାର୍ ବାଜ୍‌ବା ବଲି ହୀରାକୁଦ୍ ନଦୀବନ୍ଧ ମଣ୍ଡଳ, ବୁର୍ଲାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୂଚ୍‌ନା ଜାରି କରିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀ ବର୍ଷା ହେଇଥିବାର୍‌ନୁ କେତେଟା ଇଲାକା ନ ତାପମାତ୍ରା ସାମାଏନ୍ କମିଛେ । ସେଆଡ଼େ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍‌ତକ୍ ଗରମ୍ ଆଉ ଗୁଲ୍‌ଗୁଲି ଲାଗି ରହେବା । ଆଏବା ୨୪ ଘଂଟା ଭିତରେ ରାଜ୍ୟର୍ ୧୬ ଟା ଜିଲ୍ଲା ନ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆ ଭିତ୍‌ରେ ସମୁଦ୍ର ଅଶାନ୍ତ

ରହୁଥିବାର୍ ମଛୁଆରାମାନ୍‌କୁ ସମୁଦ୍ର ଭିତର୍‌କେ ନାଇଁ ଯିବାର୍‌କେ କୁହାଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ ଅନୁଗୁଲ୍ ଜିଲ୍ଲାର୍ ଆଠ୍‌ମଲ୍ଲିକ୍ ନ ସବୁନୁ ଜହ ୭୫ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ କରାଯାଇଛେ ।